(2x4=8)

Rupali Bose 27/02/2020

# DAV PUBLIC SCHOOLS, BHUBANESWAR
## ANNUAL EXAMINATION, 2019-20
## CLASS – VII
## SUBJECT – LOWER ODIA

Time – 3 hrs | Max. marks – 80

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଓ ବିଭାଗ ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
- ଅକ୍ଷର ଗୁଡିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖି ସାରିବା ପରେ ଗୋଟିଏ ଧାଡି ଛାଡି ଅନ୍ୟ ଉତ୍ତରଟି ଲେଖ ।
- ପ୍ରଶ୍ନ ପତ୍ରରେ ୪ଟି ବିଭାଗ ଓ ୧୦ଟି ପ୍ରଶ୍ନ ଅଛି ।

## 'କ' ବିଭାଗ-୧୦

୧. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନ ଗୁଡିକର ଉତ୍ତର ଲେଖ । (୫×୨=୧୦)

ବୈଜ୍ଞାନିକ ଜନ୍ ବେୟର୍ଡ୍ ସ୍କଟଲାଣ୍ଡରେ ୧୮୮୮ ମସିହା ଅଗଷ୍ଟ ମାସ ୧୩ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ ବାଲ୍ୟକାଳରୁ ରୁଗ୍ଣ ଓ ଜୀର୍ଣ୍ଣଶୀର୍ଣ୍ଣ ଥିଲେ । ତାଙ୍କର ଜ୍ୟେଷ୍ଠ ଭ୍ରାତା ଓ ଭଗିନୀଗଣ ଅଧ୍ୟୟନରତ ଥିଲାବେଳେ ସେ ପ୍ରତିବେଶୀ ଉଦ୍ୟାନ ରକ୍ଷକ ପୁତ୍ର ସହ ବିବିଧ କ୍ରୀଡ଼ାରେ ସମୟ ଅତିବାହିତ କରୁଥିଲେ । ଭଗ୍ନ ସ୍ୱାସ୍ଥ୍ୟ ହେତୁ ସେ ବହୁ ବିଳମ୍ବରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଶିକ୍ଷା ଆରମ୍ଭ କରିଥିଲେ । ସେତେବେଳେ ମଧ୍ୟ ବିଜ୍ଞାନ ସମ୍ପର୍କୀୟ ବିବିଧ ଗଳ୍ପ ଅଧ୍ୟୟନ ପ୍ରତି ସେ ଗଭୀର ଆଗ୍ରହ ପ୍ରକାଶ କରୁଥିଲେ । ଏହି ଅଧ୍ୟୟନ ପ୍ରବୃତ୍ତି ନବ ନବ ଉଦ୍ଭାବନ ପାଇଁ ତାଙ୍କ ପ୍ରାଣରେ ବଳିଷ୍ଠ ପ୍ରେରଣା ଓ ଉନ୍ମାଦନା ସୃଷ୍ଟି କରିପାରିଥିଲା । ସେ କଲେଜରୁ ବି.ଏସ୍.ସି ପାସ୍ କଲେ ସତ କିନ୍ତୁ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁଁ ବିଶେଷ ଉଚ୍ଚସ୍ଥାନ ଅଧିକାର କରିପାରିଲେ ନାହିଁ । ଏହାପରେ ଗୋଟିଏ ବିଦ୍ୟୁତ ଯୋଗାଣ କେନ୍ଦ୍ରରେ ଇଞ୍ଜିନିୟର ଭାବରେ ସେ ନିଯୁକ୍ତି ପାଇଲେ । ଜୀବନ ନିର୍ବାହ ପାଇଁ ଚାକିରି କଲେ ମଧ୍ୟ ବିଜ୍ଞାନ ଗବେଷଣା ପ୍ରତି ତାଙ୍କର ଆଗ୍ରହ ତିଳେହେଲେ କମି ନଥିଲା । ଫଳରେ ସେ ଗୋଟିଏ ଇଞ୍ଜିନ ବିହୀନ ଉଡାଜାହାଜ ନିର୍ମାଣ କରିଥିଲେ । ଚାକିରି ସମୟରେ ଅଙ୍ଗାରକୁ ଅତି ଉଚ୍ଚ ଉତ୍ତାପରେ ପୋଡି ଓ ଥଣ୍ଡାକରି ସେଥିରୁ ହୀରା ଉତ୍ପାଦନ ବିଷୟରେ ଗବେଷଣା କରୁଥିବା ସମୟରେ ଦୁର୍ଘଟଣା ହେତୁ ସମଗ୍ର ଯୋଗାଣ କେନ୍ଦ୍ରଟି ଅଚଳ ହୋଇ ପଡ଼ିଥିଲା । ସେଥିପାଇଁ ତାଙ୍କୁ ଚାକିରି ଛାଡିବାକୁ ପଡିଥିଲା ।

ପ୍ରଶ୍ନ – କ) ଜନ୍‌ବେୟର୍ଡ୍ କାହିଁକି ଚାକିରି ଛାଡ଼ିଦେଲେ ?

ଖ) ଅଙ୍ଗାରରୁ କ'ଣ ଉତ୍ପାଦନ କରିବା ପାଇଁ ବେୟର୍ଡ୍ ଗବେଷଣା କରୁଥିଲେ ?

ଗ) ବେୟର୍ଡ୍ କି ପ୍ରକାର ପୁସ୍ତକ ପଢ଼ିବାକୁ ଭଲ ପାଉଥିଲେ ?

ଘ) ବେୟର୍ଡ୍ କାହିଁକି ବିଳମ୍ବରେ ଶିକ୍ଷା ଆରମ୍ଭ କଲେ ?

ଙ) ଜନ୍‌ବେୟର୍ଡ୍ କେଉଁ ଦେଶରେ ଜନ୍ମ ଗ୍ରହଣ କରିଥିଲେ ?

## 'ଖ' ବିଭାଗ-୧୨

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (୫×୧=୫)

ମୋ ପ୍ରିୟ ଜନ୍ମଭୂମି, ଦେଖିଥିବା ମେଳା, ଶୀତଋତୁ

୩. ବ୍ୟାୟାମର ଉପକାରିତା ବିଷୟରେ ବର୍ଣ୍ଣନା କରି ସାନ ଭାଇ ନିକଟକୁ ପତ୍ର ଲେଖ । (୧×୭=୭)

କିମ୍ବା

ତୁମ ବିଦ୍ୟାଳୟର ପାଠାଗାର ସଂପର୍କରେ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ-୨୪

୪. କ) ଶବ୍ଦାର୍ଥ ଲେଖ । (୪ଟିର) (୪×୧=୪)

ଗୋଟିକା, ଝଲକ, ସୌଦାମିନୀ, ସ୍ୱପ୍ନ, ଅବସାନ

ଖ) ବାକ୍ୟ ଗଠନ କର । (୪ଟିର) (୪×୧=୪)

ଗଣିତଜ୍ଞ, ସୂତ୍ର, ପ୍ରତିଭାବାନ, ଅନୁତାପ, ବକ୍ତୃତା

ଗ) ଗଦ୍ୟରୂପ ଲେଖ । (୨ଟିର) (୨×୧=୨)

ଲଗନ, ମଉନ, ଚକର

୫. କ) ଶବ୍ଦଗୁଡିକର ପ୍ରତିଶବ୍ଦ ଲେଖ । (୪ଟିର) (୪×୧=୪)

ଚଢେଇ, ଜଳ, ସମୀର, ପୃଥିବୀ, ଜନ୍ତୁ

ଖ) ଶବ୍ଦଗୁଡିକର ଲିଙ୍ଗ ପରିବର୍ତ୍ତନ କର । (୪ଟିର) (୪×୧=୪)

ପିତାମହୀ, ଜନନୀ, ଛାତ୍ର, ଭିକାରି, ମହାରାଜା

ଗ) ଠିକ୍ ବନାନଟି ବାଛ । (୨ଟିର) (୨×୧=୨)

(i) ଯାନକି, ଜାନକୀ, ଜାନକି, ଜାନିକି

(ii) ସମ୍ମୁଖ, ସମ୍ମୁଖ, ସମୁଖ, ଶମ୍ମୁଖ

(iii) ସଂକିର୍ଣ୍ଣ, ଶଂକୀର୍ଣ୍ଣ, ସଂକୀର୍ଣ୍ଣ, ଶଂକିର୍ଣ୍ଣ

୬. କ) ଶବ୍ଦଗୁଡିକର ରୂପ ପରିବର୍ତ୍ତନ କର । (୩ଟିର) (୩×୧=୩)

ଆବିଷ୍କାର, ଶୃଙ୍ଖଳା, ଚର୍ବଣ, କଥନ

ଖ) 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭକୁ ଯୋଗ କର । (୨ଟିର) (୨×୧=୨)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଶାନ୍ତି | ସୁନା |
| ଡାକବାଜି | ଶୃଙ୍ଖଳା |
| ଖାଣ୍ଟି | ଯନ୍ତ୍ର |

## ‘ଗ’ ବିଭାଗ-୩୦

୭. ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (୫ଟିର) (୫×୨=୧୦)

କ) ପିଲାମାନେ ଗାନ୍ଧିଜୀଙ୍କୁ କିପରି ସୁରକ୍ଷା ଦେଇଥିଲେ ?

ଖ) କେଉଁ କାରଣରୁ ନାଟକ ଶେଷରେ ଲୋକମାନେ ନିରାଶ ହେଲେ ?

ଗ) ଲୋକମାନେ କେଉଁଥିପାଇଁ ଆର୍କିମିଡିସ୍‌ଙ୍କୁ ପାଗଳ ବୋଲି ଭାବିଲେ ?

ଘ) ବିବେକାନନ୍ଦ ସାରା ଦେଶରେ କେଉଁ ବାର୍ତ୍ତା ପ୍ରଚାର କରିଥିଲେ ?

ଙ) ମୃତ୍ତିକାକ୍ଷୟ ଘଟିବା ଫଳରେ କି କି କ୍ଷତି ହୁଏ ?

ଚ) କେଉଁ ଉପାୟରେ ଜଙ୍ଗଲ ବୃଦ୍ଧି କରାଯାଇ ପାରିବ ?

୮. ପ୍ରଶ୍ନ ଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (୫ଟିର) (୫×୨=୧୦)

କ) ବଗ ନଈ ସୁଅର ଗୋଟିଏ ପଟେ କ’ଣ ପାଇଁ ବସିଛି ?

ଖ) ଜନ୍ମଭୂମି ଜନନୀ ସହିତ ସମାନ କାହିଁକି ?

ଗ) କେଉଁମାନଙ୍କ ନାମ ଲୋକମୁଖରେ କାଳେ କାଳେ ରହେ ?

ଘ) କବି ଶରତ ଋତୁରେ ନଈକୂଳ କେଉଁ ଗଛ ମୂଳେ ବସିଥିଲେ ?

ଙ) ବିଶ୍ୱଜୀବଙ୍କ ବିଷୟରେ ଧୂଳି କ’ଣ କହିଛି ?

ଚ) ନିର୍ବିକାର ଭାବରେ ଧୂଳି କ’ଣ ସହେ ?

୯. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (୧×୫=୫)

କ) ଜାନକୀ ବାଇ ପୁଅର କିଭଳି ମୃତ୍ୟୁ ହେଲା ?

ଖ) କାଜିଙ୍କର ଆଦେଶକୁ ସୁଲତାନ୍ କିପରି ପାଳନ କଲେ ?

୧୦. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତର ବାଛି ଲେଖ । (୫×୧=୫)

କ) ‘ଶରତ-ନଈ-କୂଳେ’ କବିତାଟି କବିଙ୍କ କେଉଁ କବିତା ପୁସ୍ତକରୁ ସଂଗୃହୀତ ?

(i) ଶାମୁକାର ସ୍ୱପ୍ନ (ii) ପଶୁପକ୍ଷୀର କାବ୍ୟ (iii) କୈଶୋରିକା (iv) ଉତ୍କଳିକା

ଖ) ‘ଧୂଳି’ କବିତାର କବି କିଏ ?

(i) ବିଦ୍ୟୁତ୍ ପ୍ରଭା ଦେବୀ (ii) ପଦ୍ମଚରଣ ପଟ୍ଟନାୟକ (iii) ବନମାଳୀ ଦାସ (iv) ଜଗନ୍ନାଥ ଦାସ

ଗ) ରାଜା କ’ଣ ପରୀକ୍ଷା କରିବାକୁ ଚାହିଁଥିଲେ ?

(i) ରୂପା ମୁକୁଟ (ii) ସୁନା ମୁକୁଟ (iii) ସୁନା ମୂର୍ତ୍ତି (iv) ତମ୍ବା ମୂର୍ତ୍ତି

ଘ) କେଉଁ ମସିହାରେ ଆମେରିକାରେ ଏକ ବିଶ୍ୱଧର୍ମ ସଭା ହୋଇଥିଲା ?

(i) ୧୮୯୨ (ii) ୧୮୯୪ (iii) ୧୮୮୫ (iv) ୧୮୯୩

ଙ) ଆମ ଓଡ଼ିଶାର କେଉଁ ଅଞ୍ଚଳରେ ଅଳ୍ପ ବୃଷ୍ଟି ହୋଇଥାଏ ?

(i) ବାଲେଶ୍ୱର (ii) କଳାହାଣ୍ଡି (iii) ଖୋର୍ଦ୍ଧା (iv) ନୟାଗଡ

***